بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୧ ଅଗଷ୍ଟ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# କୃତଜ୍ଞତା ଜ୍ଞାପନ କରିବା ପରିପ୍ରେକ୍ଷୀରେ ଯୁଗାବତାର ହଜରତ ମସିହ ମଉଦ୍ଅ.ସ ଙ୍କର ବ୍ୟବହାରିକ ନମୁନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଦୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ହଜରତ ମସିହ ମଉଦଅ.ସ ନିଜ ନିଷ୍ଠାପର ସାଥୀମାନଙ୍କୁ ଅଲ୍ଲାଃତାଲାଙ୍କ ଅନୁଗ୍ରହ ପାଇଁ କୃତଜ୍ଞ ହେବାକୁ ଗଭୀର ଭାବରେ ଉତ୍ସାହିତ କରୁଥିଲେ । ତେବେ ଏହି ପ୍ରସଙ୍ଗରେ ହଜରତ ପୀର ସିରାଜୁଲ୍ ହକ୍ ସାହେବ ନୁମାନୀର.ଅ ବର୍ଣ୍ଣନା କରନ୍ତି, ଏକଦା ହଜରତ ମସିହ ମଉଦଅ.ସ ତାଙ୍କୁ ମିଆଁ ବକ୍ସ ସୌଦାୟୀଙ୍କ ସହ ହୋଇଥିବା ଝଗଡ଼ା ବିଷୟରେ ପଚାରିରିଲେ । ସବୁକଥା (ଶୁଣିବା ପରେ) ହୁଜୁରଅ.ସ ବୁଝାଇଲେ, ପାଗଳ ବ୍ୟକ୍ତି ନିର୍ଦ୍ଦୋଷ ହୋଇଥାଏ । ତେଣୁ ଏପରି ଲୋକଙ୍କ ସହ ତର୍କ କିମ୍ବା ଝଗଡା ନକରି ଭଲ ବ୍ୟବହାର କରିବା ଉଚିତ୍ । ସଂସାରବାସୀ ଏପରି ଲୋକଙ୍କୁ 'ମଜଜୁବ୍' 'ୱଲୀଉଲ୍ଲାଃ' କିମ୍ବା 'କୁତୁବ୍' ବୋଲି କହନ୍ତି, ଯାହା ଭୁଲ ଅଟେ । ବାସ୍ତବରେ ଏହି ଲୋକମାନେ ଅନେକ ଅନୁକମ୍ପାରୁ ବଞ୍ଚିତ ରହିଥା'ନ୍ତି । ଯେପରି ବୁଦ୍ଧିଜ୍ଞାନ, ପୋଷାକ, ଖାଦ୍ୟପେୟର ସ୍ୱାଦ, ସ୍ତ୍ରୀ-ପିଲାଙ୍କ ସୁଖ ଓ ସେମାନଙ୍କ ପାଳନପୋଷଣର ସୁବ୍ୟବସ୍ଥା, ଅଲ୍ଲାଃଙ୍କ ପରିଚୟ, ତାଙ୍କ ଗୁଣ ଓ ବିଶେଷତାର ଜ୍ଞାନ, ରସୁଲ ଓ ନବୀଙ୍କ ମାନମର୍ଯ୍ୟାଦା ତଥା ଅନୁସରଣ କରିବା, ପବିତ୍ର କୁରଆନ ପାଠ କରିବା, ତାହାର ଅର୍ଥ ଓ ଗୋପନୀୟତା, ଶରିୟତ୍ ଏବଂ ନମାଜ, ରୋଜା, ହଜ୍ ଓ ଜକାତ୍‌ର ପୁଣ୍ୟ ଓ ଉଚ୍ଚ ସ୍ତରରୁ ବଞ୍ଚିତ ରହିଥା'ନ୍ତି ।

ହଜରତ ମସିହ ମଉଦଅ.ସ କୁହନ୍ତି; ଏପରି ଲୋକମାନଙ୍କୁ ଦେଖି ତର୍କ କରିବା ପରିବର୍ତ୍ତେ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । କାରଣ ସେ ଆମକୁ ଏହି ଅନୁଗ୍ରହ ଓ ପୁରସ୍କାରଗୁଡ଼ିକରୁ ବଞ୍ଚିତ ରଖି ନାହାନ୍ତି । ବରଂ ଆମମାନଙ୍କୁ ବୁଦ୍ଧିଜ୍ଞାନ ପ୍ରଦାନ କରିଛନ୍ତି, ପବିତ୍ର କୁରଆନ ପାଠ କରିବା ଓ ତାହାର ଗୂଢ଼ତତ୍ତ୍ୱ ତଥା ରହସ୍ୟ ଆମ ଉପରେ ଉନ୍ମୋଚିତ କରିଛନ୍ତି । ବୈଧ ଓ ଅବୈଧ ମଧ୍ୟରେ ପାର୍ଥକ୍ୟ କରିବାର ଶକ୍ତି ପ୍ରଦାନ କରିଛନ୍ତି । ଆଉ ନିଜ ଗୁଣ ଓ ବୈଶିଷ୍ଟ୍ୟତାର ଜ୍ଞାନ ପ୍ରଦାନ କରିଛନ୍ତି । ତେଣୁ ପ୍ରତ୍ୟେକ ଅହମଦି ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ଯେ ସେ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରିବାର ଅଧିକାର କେତେ ଦୂର ସମ୍ପାଦନ କରୁଅଛି । ଏହି କୃତଜ୍ଞତା ଜ୍ଞାପନ କରିବାର ଆଉ ଏକ ପ୍ରଭାବଶାଳୀ ଘଟଣା ହଜରତ ମଲକ୍ ମୁହମ୍ମଦ ହୁସେନ୍ ସାହେବ ବର୍ଣ୍ଣନା କରନ୍ତି; ହୁଜୁରଅ.ସ **ଫଜର୍ ନମାଜ୍** ପରେ ଖୁଦ୍ଦାମ୍‌ଙ୍କୁ ପଚାରିଲେ, ରାତିରେ ସାରଙ୍ଗୀ ଓ ବିଣା କେଉଁଠି ବାଜୁଥିଲା ? କୁହାଗଲା, ମିର୍ଜା ନିଜାମୁଦ୍ଦିନ୍ ଜଣେ ନର୍ତ୍ତକୀକୁ ଡ଼ାକିଥିଲେ ଓ ତାକୁ ୨୦ଟଙ୍କା ଦେବାର ପ୍ରତିଶୃତି ଦେଇଥିଲେ । ସେଥିପାଇଁ ସେ ସାରା ରାତି ନାଚୁଥିଲା ଓ ଗାଉଥିଲା । ଏହା ଶୁଣି ହୁଜୁରଅ.ସ ଗଭୀର ନିଶ୍ୱାସ ନେଇ କହିଲେ; ଅଲ୍ଲାଃ ! ସେହି ମହିଳା ଜଣକ କେତେ ନିଷ୍ଠାପର ଅର୍ଥାତ୍ ମାତ୍ର ୨୦ଟଙ୍କା ପାଇଁ ସେ ସାରା ରାତି ଜାଗ୍ରତ ରହିଲା । କିନ୍ତୁ ଆମେ ଆମର ସ୍ରଷ୍ଟା ଓ ମାଲିକଙ୍କ ପାଇଁ ଘଣ୍ଟାଏ-ଦୁଇଘଣ୍ଟା ବି ଜାଗିପାରୁ ନାହେଁ, ଯିଏ ଆମକୁ ଅଗଣିତ ଅନୁଗ୍ରହ ଓ ପୁରସ୍କାର ପ୍ରଦାନ କରିଛନ୍ତି । ମହାଭାଗ ଏହି ଉକ୍ତି ବାରମ୍ବାର ଦୋହରାଉ ଥିଲେ ଏବଂ କହୁଥିଲେ; ଦେଖ ଆମେ ପରମେଶ୍ୱରଙ୍କ ଅଗଣିତ ଅନୁଗ୍ରହର କୃତଜ୍ଞତା ଜ୍ଞାପନ କରୁ ନାହେଁ । **ନଓ୍ୱାଫିଲ୍ ଓ ଫରଜ୍ ନମାଜ୍** ପ୍ରତି ଧ୍ୟାନ ଦେଉ ନାହେଁ, ପୁଣି **ଫଜର୍**

**ନମାଜ୍**ରେ ଉଠିବା ମଧ୍ୟ ଆମମାନଙ୍କ ପାଇଁ କଷ୍ଟକର ହୋଇଯାଇଥାଏ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; **ସୁତରାଂ ପ୍ରତ୍ୟେକ ଅହମଦିଙ୍କୁ ଏହି ଦୃଷ୍ଟିକୋଣରୁ ନିଜର ନୀରିକ୍ଷଣ କରିବା ଉଚିତ୍ ଯେ ସେ ଅଲ୍ଲାଃଙ୍କ କୃତଜ୍ଞତା ଜ୍ଞାପନ କରିବାର ଅଧିକାର କେତେ ଦୂର ସମ୍ପାଦନ କରୁଅଛି** ।

ହଜରତ ଶେଖ୍ ମୁହମ୍ମଦ ଇସମାଇଲ୍ ସରଦାଓ୍ୱି ସାହେବ ବର୍ଣ୍ଣନା କରନ୍ତି; ହୁଜୁର[ଅ.ସ]ଙ୍କର ଏହି ଅଭ୍ୟାସ ଥିଲା ଯେ ଖାଦ୍ୟ ସେବନ କରିବା ସମୟରେ ମହାଭାଗ 'ସୁବ୍‌ହାନଲ୍ଲାଃ' 'ଅଲ୍‌ହମ୍‌ଦୁଲିଲ୍ଲାଃ'ର ପୁନରାବୃତ୍ତି କରୁଥିଲେ । ଆଉ ଏପରି ଖାଦ୍ୟ ସେବନ କରୁଥିଲେ ଯେପରି କୌଣସି ବସ୍ତୁର ଅନ୍ୱେଷଣ କରୁଛନ୍ତି । ହଜରତ ମୁସଲେହ୍ ମଉଦ[ର.ଅ] ବର୍ଣ୍ଣନା କରନ୍ତି; ହୁଜୁର[ଅ.ସ] ରୋଟିର ଛୋଟ ଟୁକୁଡ଼ା ପାଟିକୁ ନେଇ ତାହାକୁ ଖୁବ ଭଲ ଭାବେ ଚୋବାନ୍ତି, ବଡ ଟୁକୁଡ଼ା ସେବନ କରନ୍ତି ନାହିଁ ଓ ସଙ୍ଗେସଙ୍ଗେ 'ସୁବ୍‌ହାନଲ୍ଲାଃ' 'ସୁବ୍‌ହାନଲ୍ଲାଃ'ର ଉଚ୍ଚାରଣ ଆରମ୍ଭ କରି ଦିଅନ୍ତି । ପୁଣି କିଛି ସମୟ ପରେ ଗୋଟିଏ ରୋଟି ଟୁକୁଡ଼ାକୁ ତରକାରି ସହିତ ସେବନ କରୁଥିଲେ । ଏହିପରି ଅଲ୍ଲାଃତାଲାଙ୍କ ସାମାନ୍ୟତମ ଅନୁଗ୍ରହର ବି କୃତଜ୍ଞତା ଜ୍ଞାପନ କରିବାର ଗୁଣ ମହାଭାଗଙ୍କ ସ୍ୱଭାବରେ ଭରି ରହିଥିଲା ।

ହଜରତ ସୈୟଦ୍ ଜୈନୁଲ୍ ଆବିଦୀନ୍ ଓ୍ୱଲୀଉଲ୍ଲାଃ ଶାଃ ସାହେବ ବର୍ଣ୍ଣନା କରନ୍ତି; ପ୍ଳେଗ୍ ମହାମାରୀ ସମୟରେ ହୁଜୁର[ଅ.ସ] ନିଜ ଘର, ବୋର୍ଡ଼ିଙ୍ଗ ହାଉସ୍ ଓ ସମସ୍ତ ସାଥୀଙ୍କ ଘର ପରିଷ୍କାର ରଖିବା ସହିତ ଗନ୍ଧକ, ଫିନାଇଲ୍ ଏବଂ ଅଗ୍ନି ଆଦି ପ୍ରୟୋଗ କରି ଜୀବାଣୁ ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଉଥିଲେ । ହୁଜୁର[ଅ.ସ] କହୁଥିଲେ; ଉପାୟ ଅବଲମ୍ବନ କରିବା ମଧ୍ୟ ଅଲ୍ଲାଃଙ୍କ ଅନୁକମ୍ପାର କୃତଜ୍ଞତା ଜ୍ଞାପନ କରିବା ଅଟେ । ଦେଖ ଅଲ୍ଲାଃତାଲା ଏପରି ବସ୍ତୁ ଉତ୍ପନ୍ନ କରି ଦେଇଛନ୍ତି, ଯାହା ରୋଗ ଓ ସଂକ୍ରମଣକାରୀ ଜୀବାଣୁର ପ୍ରଭାବକୁ ଦୂର କରିବା ଅର୍ଥାତ୍ ପ୍ରତିରୋଧ କରିବାର କାରଣ ସାଜିଥାଏ । ତେଣୁ ଉପାୟ ଓ ସାଧନରୁ ଉପକୃତ ନହେବା ଐଶୀ ନିୟମର ବିରୁଦ୍ଧାଚରଣ କରିବା ଅଟେ । **ହଁ ! ଉପାୟ ଓ ସାଧନ ଉପରେ ଭରସା ନକରି ତାହା ପଛରେ ଥିବା ଅଲ୍ଲାଃଙ୍କ ହସ୍ତକୁ ଦେଖିବା ହିଁ ପ୍ରକୃତ ଈଶ୍ୱର-ବିଶ୍ୱାସ ।** ହଜରତ ମୁହମ୍ମଦ ଇବ୍ରାହିମ୍ ସାହେବ ଗୋଟିଏ ଘଟଣା ବର୍ଣ୍ଣନା କରନ୍ତି; ୧୯୦୪ମସିହାରେ ଗୁରୁଦାସପୁର ଠାରେ କରମଦ୍ଦିନ୍‌ର ମକଦ୍ଦମା ସମୟରେ ସେଠାରେ ହୁଜୁର[ଅ.ସ]ଙ୍କ ରହଣୀ କାଳରେ ଦିନେ ଜଣେ ବନ୍ଧୁ ପାଚିଲା ସଜ ଖଜୁରୀ ଆଣି ଉପସ୍ଥାପନ କଲେ । କେହି ଜଣେ ତାହାକୁ ଅତି ଉଷ୍ମ ଫଳ ଦର୍ଶାଇବାରୁ, ସେ କହିଲେ; ପିଆଜ ଖାଇନେଲେ ତାହାର କୁପ୍ରଭାବ ଦୂର ହୋଇଯିବ । ଏଥିରେ ହଜରତ ମସିହ ମଉଦ[ଅ.ସ] ଆମ୍ବ ଓ ଜାମୁକୋଳି, କଦଳୀ, ଚାଉଳ ଆଦିର ଉଦାହରଣ ଦେଇ କହିଲେ; ଦେଖ ଐଶ୍ୱର୍ଯ୍ୟମୟ ଅଲ୍ଲାଃ କି ସୁନ୍ଦର ବ୍ୟବସ୍ଥା କରି ଦେଇଛନ୍ତି, ଯେ ପ୍ରତ୍ୟେକ ବସ୍ତୁର ପ୍ରତିଷେଧକ ଉପଲବ୍ଧ ରହିଛି । ତା'ପରେ ମଣିଷ ପାଇଁ ଅଲ୍ଲାଃଙ୍କ ଆଧ୍ୟାତ୍ମିକ ଓ ଶାରୀରିକ ବ୍ୟବସ୍ଥା ଏତେ ଅତୁଳନୀୟ ଓ ମହାନ ଯେ ସେ ଏହାର କୃତଜ୍ଞତା ଜ୍ଞାପନ ବି କରିପାରିବ ନାହିଁ ।

ହଜରତ ମସିହ ମଉଦ[ଅ.ସ] ବ୍ୟାଧିରୁ ସ୍ୱାସ୍ଥ୍ୟ ଲାଭ କରିବାରେ ବି ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କରୁଥିଲେ । 'ତଜ୍‌କିରାତୁଲ୍ ଶାହାଦତୈନ୍' ରଚନା କରିବା ସମୟରେ ହୁଜୁର[ଅ.ସ] ଭୀଷଣ ବୃକକ୍ ଯନ୍ତ୍ରଣାରେ ପୀଡ଼ିତ ହେଲେ ଓ ଏପରି ପ୍ରତୀତ ହେଲା ଯେ ସମ୍ଭବତଃ ଏହି ପୁସ୍ତକଟି ଆଉ ରଚନା କରିପାରିବେ ନାହିଁ । ରାତିରେ ମହାଭାଗ ପରିବାରର ଲୋକମାନଙ୍କୁ ଏକତ୍ରିତ କଲେ ଓ ମୌଲବୀ ଅବ୍ଦୁଲ୍ ଲତିଫ୍ ସାହେବଙ୍କୁ ସ୍ମରଣ କରି ଦୁଆ କରାଇଲେ ଯେ ପରାକ୍ରମୀ ଅଲ୍ଲାଃତାଲା ଏହି ପୁସ୍ତକଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଦୁଆ କରିବା ପରେ ମହାଭାଗଙ୍କୁ ନିଦ ମାଡ଼ି ଆସିଲା, ତହୁଁ ହୁଜୁର[ଅ.ସ]ଙ୍କୁ ଦୈବିବାଣୀ ହେଲା- **ସଲାମୁନ୍ କୌଲମ୍ ମିର୍ ରବ୍‌ବିର୍ ରହୀମ୍** ଏବଂ ସକାଳ ୬ଟା ପୂର୍ବରୁ ମହାଭାଗ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିଲେ ଓ ସେହିଦିନ ହିଁ ଉକ୍ତ ପୁସ୍ତକର ଅର୍ଦ୍ଧେକ ରଚନା କରିଦେଲେ । ଏଥିରେ ହୁଜୁର[ଅ.ସ] (ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କରି) **ଅଲ୍‌ହମ୍‌ଦୁଲିଲ୍‌ଲାଃ** କହିଲେ ।

ହଜରତ ମସିହ ମଉଦ[ଅ.ସ] 'ବରାହିନେ ଅହମଦିୟା' ରଚନା ଓ ତାହାକୁ ପ୍ରକାଶନରେ ଅର୍ଥଦାନ କରିଥିବା ସମସ୍ତ ବନ୍ଧୁମାନଙ୍କ ନାମ ମଧ୍ୟ ଲିପିବଦ୍ଧ କରିଛନ୍ତି । ଆଉ ସେମାନଙ୍କ ପାଇଁ ଦୁଆ କରିବାକୁ ଆହ୍ୱାନ ଦେଇଛନ୍ତି । ସେମାନଙ୍କ ମଧ୍ୟରେ ଏପରି ଲୋକ ବି ସାମିଲ ଅଛନ୍ତି ଯିଏ ୫ଟଙ୍କା, ୨ଟଙ୍କା ଓ ଏପରିକି ମାତ୍ର ୨ଅଣା ଦାନ

କରିଥିଲେ । କିନ୍ତୁ ମହାଭାଗ ସେ ସମସ୍ତଙ୍କର ସହାୟତାର କୃତଜ୍ଞତା ଜ୍ଞାପନ କରି କହିଲେ; ଏମାନଙ୍କ ଉଦାରତା ଓ ସମର୍ଥନ ଫଳରେ ଧାର୍ମିକ ଉଦ୍ଦେଶ୍ୟ ଓ ପରିଶ୍ରମ ନଷ୍ଟ ହେବାରୁ ରକ୍ଷା ପାଇଗଲା । ଯେପରି ପାଠକମାନେ ମହାଭାଗଙ୍କ ସହ ସେହି ସହାୟକମାନଙ୍କ ପାଇଁ ଦୁଆ କରିବେ । ସେଥିପାଇଁ ସେମାନଙ୍କ ନାମ ପ୍ରକାଶ କରାଯାଇଥିଲା । ହଜରତ ମିଆଁ ମଞ୍ଜୁର ମୁହମ୍ମଦ ସାହେବଙ୍କ ଚର୍ଚ୍ଚା କରି ହୁଜୁର[ଅ.ସ] ତାଙ୍କ କାପି ଲେଖା ସେବା ଓ ନିଷ୍ଠା ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଲେ । ଆହୁରି କହିଲେ; ସେ କେବଳ ଧର୍ମ ପ୍ରତି ଭଲ ପାଇବା ଯୋଗୁଁ ଏହି କାର୍ଯ୍ୟ କରୁଛନ୍ତି । ହୁଜୁର[ଅ.ସ] ଏପରି ନିଷ୍ଠାବାନ ସହାୟକମାନଙ୍କୁ ଅଲ୍ଲାଃତାଲାଙ୍କର ବିଶେଷ ଅନୁଗ୍ରହ ବୋଲି ମନେ କରୁଥିଲେ ।

ହଜରତ ଶେଖ୍ ୟାକୁବ୍ ଅଲୀ ଇର୍‌ଫାନୀ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ଯୁଗାବତାର ହଜରତ ମସିହ ମଉଦ[ଅ.ସ] **ଖୁଦ୍ଦାମ୍**‌ଙ୍କର ଛୋଟ ଛୋଟ କାମର ବି ଆଦର ଓ ସମ୍ମାନ କରୁଥିଲେ ଏବଂ ସେମାନଙ୍କୁ ଅନୁପ୍ରାଣିତ କରୁଥିଲେ । ଯେତେବେଳେ କୌଣସି ପୁସ୍ତକ ପ୍ରକାଶନ କାର୍ଯ୍ୟ ହେଉଥିଲା ଅବା ପତ୍ରିକା ଶୀଘ୍ର ପ୍ରକାଶ କରିବାର ଉଦ୍ଦେଶ୍ୟ ଥାଏ ସେତେବେଳେ ଛାପାଖାନାରେ ରାତିସାରା କାମ ଚାଲିଥାଏ । ଆଉ ହୁଜୁର[ଅ.ସ] ସେହି କର୍ମଚାରୀଙ୍କ ପାଇଁ କ୍ଷୀର ଓ ଅନ୍ୟାନ୍ୟ ଜିନିଷ ଯୋଗାଇ ଦେଉଥିଲେ ଏବଂ ଅଧିକ ପାରିଶ୍ରମିକ ବି ଦେଉଥିଲେ ଓ ସେମାନଙ୍କ କାମରେ ଖୁସି ହୋଇ ତାଙ୍କୁ ଧନ୍ୟବାଦ ଜଣାଉ ଥିଲେ । ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; **ନବୀମାନଙ୍କ ହୃଦୟ ଅତ୍ୟନ୍ତ କୃତଜ୍ଞ ହୋଇଥାଏ** । ଯେତେବେଳେ ହଜରତ ମସିହ ମଉଦ[ଅ.ସ]ଙ୍କ ପୁସ୍ତକଗୁଡ଼ିକର କାର୍ଯ୍ୟ ଦିବାରାତ୍ର ଚାଲିଥିଲା ଓ ପ୍ରକାଶନ କାର୍ଯ୍ୟ ମଧ୍ୟ ଚାଲିଥିଲା ସେତେବେଳେ ମହାଭାଗ ଅନେକ ରାତି ଅନିଦ୍ରା ରହୁଥିଲେ । କିନ୍ତୁ ଯଦି ରାତିରେ କୌଣସି ବ୍ୟକ୍ତି ପ୍ରୁଫ୍ ନେଇ ଆସୁଥିଲେ ସେତେବେଳେ ତାହା ଡ଼ାକରେ ସ୍ୱୟଂ ଉଠି ତା' ଠାରୁ ପ୍ରୁଫ୍ ସଂଗ୍ରହ କରୁଥିଲେ ଏବଂ ହୁଜୁର[ଅ.ସ] ତାଙ୍କର ପୀଡ଼ାକୁ ହୃଦୟଙ୍ଗମ କରି ତାଙ୍କୁ **ଜଯାକମୁଲ୍ଲାଃ ଅହସନଲ୍ ଜଯା** କହୁଥିଲେ । ଏଥିରୁ ଜଣା ପଡୁଛି ଯେ ଅବତାରଙ୍କ ହୃଦୟରେ ଅନ୍ୟମାନଙ୍କ ଦୟା ଓ କଷ୍ଟର ବେଶ୍ ଚିନ୍ତା ଲାଗି ରହିଥାଏ ।

ହାଫିଜ୍ ନବୀ ବକ୍ସ ସାହେବ ବର୍ଣ୍ଣନା କରନ୍ତି; ଏକଦା ବଗିଚାରେ ଭ୍ରମଣ କରୁଥିଲେ । ହୁଜୁର[ଅ.ସ]ଙ୍କ ହାତରେ ବେତ'ର ଏକ ଆଶାବାଡ଼ି ରହିଥିଲା, ଯାହା ଗଛରେ ଅଟକି ଗଲା । ଅନେକ ସାଥୀ ତାହାକୁ କାଢ଼ିବାକୁ ଚେଷ୍ଟା କଲେ, କିନ୍ତୁ ସଫଳ ହୋଇପାରିଲେ ନାହିଁ । ଶେଷରେ ନବୀ ବକ୍ସ ସାହେବ ଗଛରେ ଚଢ଼ି ହୁଜୁର[ଅ.ସ]ଙ୍କ ବାଡ଼ିଟିକୁ ଓହ୍ଲାଇ ଆଣିଲେ । ଏଥିରେ ହୁଜୁର[ଅ.ସ] ଅତ୍ୟନ୍ତ ଆନନ୍ଦିତ ହୋଇ ତାଙ୍କର ବାରମ୍ବାର ପ୍ରଶଂସା କଲେ ଏବଂ କହିଲେ; ମିଆଁ ନବୀ ବକ୍ସ ଖୁବ୍ ଭଲ କଲେ ଯେ ଗଛରେ ଚଢ଼ି ସଙ୍ଗେସଙ୍ଗେ ବାଡ଼ିଟିକୁ ନେଇ ଆସିଲେ । ମହାଭାଗ ଛୋଟ-ବଡ ସମସ୍ତଙ୍କ ସହ ଆଦର ଓ ସମ୍ମାନ କରୁଥିଲେ ।

ଡ଼ାକ୍ତର ମୀର୍ ମୁହମ୍ମଦ ଇସମାଇଲ୍ ସାହେବ ବର୍ଣ୍ଣନା କରନ୍ତି; ହୁଜୁର[ଅ.ସ]ଙ୍କ ପାଇଁ ଯଦି କେହି ଉପହାର ଆଣୁଥିଲେ ସେତେବେଳେ ହୁଜୁର[ଅ.ସ] ତାଙ୍କର ବହୁତ କୃତଜ୍ଞତା ଜ୍ଞାପନ କରୁଥିଲେ ଏବଂ ନିଜ ପରିବାରବର୍ଗଙ୍କ ଗହଣରେ ବି ସେହି ବ୍ୟକ୍ତିଙ୍କ ନିଷ୍ଠାର ଚର୍ଚ୍ଚା କରୁଥିଲେ । ହଜରତ ମିର୍ଜା ବଶିର୍ ଅହମଦ ସାହେବ ଆଉ ଏକ ଘଟଣା ବର୍ଣ୍ଣନା କଲେ ଯେ ଡ଼ାକ୍ତର ଖଲିଫା ରଶିଦୁଦ୍ଦିନ୍ ସାହେବ ଆଗ୍ରାରୁ କାଦିୟାନ ଆସିଲେ, ହୁଜୁର[ଅ.ସ]ଙ୍କ ପାଇଁ **ଖୋର୍ମା** (ଏକ ପ୍ରକାର ମିଷ୍ଟାନ୍ନ) ନେଇ ଆସୁଥିଲେ । ଦିନେ ହୁଜୁର[ଅ.ସ] ସକାଳ ପହରରୁ ଜଳଖିଆ ଖାଇ ନଥିଲେ, କିନ୍ତୁ ଯେତବେଳେ ଜାଣିବାକୁ ପାଇଲେ ଯେ ଆପଣଙ୍କ ପାଇଁ ଖୋର୍ମା ଅଣାଯାଇଛି । ସେତେବେଳେ ହୁଜୁର[ଅ.ସ] ତାହା ଦେଖି ଅତ୍ୟନ୍ତ ପ୍ରଫୁଲ୍ଲିତ ହୋଇ ଉଠିଲେ ଓ ତାଙ୍କର ପ୍ରଶଂସା କଲେ ଏବଂ ସେଥି ମଧ୍ୟରୁ କିଛି ନିଜ ପାଇଁ ରଖିବାକୁ କହିଲେ ।

ଗୁରୁଦାସପୁରରେ କରମଦ୍ଦିନ୍‌ର ମକଦ୍ଦମା ଚାଲିଥିବା ସମୟରେ ଅର୍ଥଭାବର ସଙ୍କଟ ଦେଖା ଦେଇଥିଲା । ସେତେବେଳେ ଡ଼ାକ୍ତର ଖଲିଫା ରଶିଦୁଦ୍ଦିନ୍ ସାହେବ ନିଜର ସମସ୍ତ ସମ୍ପତ୍ତି ପଠାଇ ଦେଲେ ଓ ଆସନ୍ତାରେ ମଧ୍ୟ ନିଜ ଆମଦାନିରୁ ଧନରାଶି ପ୍ରେରଣ କରୁଥିଲେ । ହୁଜୁର[ଅ.ସ] ତାଙ୍କର ଏହି ବଳିଦାନକୁ ଅନୁଭବ କରି ପତ୍ର ଲେଖିଲେ, ଆପଣ ତ ଚାନ୍ଦା ଦେବାରେ ସୀମାପାର କରିଦେଇଛନ୍ତି । ତେଣୁ ଏବେ ଆଉ ଆପଣଙ୍କର ଚାନ୍ଦା ଦେବାର ଆବଶ୍ୟକତା ନାହିଁ । ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ପୂର୍ବରୁ ସେ ନିଜର କର୍ତ୍ତବ୍ୟ ମଣି ଚାନ୍ଦା ଦେଉଥିଲେ ଓ ପରେ କୃତଜ୍ଞତା ଜ୍ଞାପନ କରିବା ଉଦ୍ଦେଶ୍ୟରେ ଚାନ୍ଦା ଦେଉଥିଲେ । ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ହଜରତ ମସିହ ମଉଦ[ଅ.ସ]

ନିଜ ସନ୍ତାନମାନଙ୍କୁ ଓ୍ୱସିୟତ୍ ଚାନ୍ଦାରୁ ପୃଥକ କରି ଦେଇଥିଲେ । କିନ୍ତୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ମହତବାଣୀ ଅନୁଯାୟୀ, **ଅଫଲା ଅକୁନୁ ଅବ୍ଦନ୍ ଶକୁରା** ଅର୍ଥାତ୍ କ'ଣ ନିଜ ପାଳନକର୍ତ୍ତାଙ୍କ କୃତଜ୍ଞ ଭକ୍ତ ହେବି ନାହିଁ ? ସୁତରାଂ ମୁଁ କୃତଜ୍ଞତା ଜ୍ଞାପନ କରିବା ଉଦ୍ଦେଶ୍ୟରେ ଚାନ୍ଦା ଦେବା ଆରମ୍ଭ କଲି । ଆଉ ମୋର ଚାନ୍ଦା ମୁସୀମାନଙ୍କ ଚାନ୍ଦା ଅପେକ୍ଷା ଅଧିକ ଥିଲା । ତା'ପରେ ମୋତେ ଦୈବିବାଣୀ ହେଲା- **ଇମଲୁ ଆଲେ ଦାଉଦା ଶୁକ୍ରନ୍** । ଅତଏବ ମୁଁ ହଦିସ୍‌କୁ ମନେ ପକାଇ କୃତଜ୍ଞତା ସ୍ୱରୂପ ଅଧିକ ଚାନ୍ଦା ଦେବା ଆରମ୍ଭ କଲି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମସିହ ମଉଦ[ଅ.ସ]ଙ୍କ ଓ୍ୱସିୟତ୍ ଅନୁଯାୟୀ ମହାଭାଗଙ୍କର ପାଞ୍ଚ ଜଣ ସନ୍ତାନଙ୍କ ପାଇଁ ଚାନ୍ଦା ଛାଡ଼ ହୋଇଥିଲା । ନା କି ସେମାନଙ୍କ ସନ୍ତାନ, କୂଳବଧୁ ଅବା କନ୍ୟାଙ୍କ ସ୍ୱାମୀମାନେ ଏଥିରେ ଅନ୍ତର୍ଭୁକ୍ତ ଥିଲେ । ସେମାନେ ଓ୍ୱସିୟତ୍ କରିଥିଲେ ତାଙ୍କୁ ଓ୍ୱସିୟତ୍‌ର ଚାନ୍ଦା ଓ ନିଜ ସମ୍ପତ୍ତିରୁ ଭାଗ ଦେବା ଅନିବାର୍ଯ୍ୟ ଥିଲା । 'ବେହସ୍ତି ମକ୍‌ବରା'ରେ ସାମାଧି ପାଇବାର ଅନୁମତି କେବଳ ସେହି ପାଞ୍ଚ ଜଣ ସନ୍ତାନଙ୍କ ପାଇଁ ଥିଲା । ଏହା ସତ୍ତ୍ୱେ ହଜରତ ଅମ୍ମାଜାନ୍[ର.ଅ] ଓ ସେହି ସନ୍ତାନମାନେ ମହାନ ତ୍ୟାଗ କରିଥିଲେ । ହଜରତ ମୁସଲେହ୍ ମଉଦ[ର.ଅ]ଙ୍କ ପରେ କୌଣସି ଖଲିଫା ଅବା ହୁଜୁର[ଅ.ସ]ଙ୍କ ପରିବାରର ସଦସ୍ୟଙ୍କ ପାଇଁ ଏହି ଛାଡ଼ ନଥିଲା । ବରଂ ସେମାନେ ସଭିଏଁ ଓ୍ୱସିୟତ୍ କରି ଯଥେଷ୍ଟ ଚାନ୍ଦା ଦେବା ସହିତ ଅନ୍ୟାନ୍ୟ ଆହ୍ୱାନରେ ମଧ୍ୟ ନିଜ ସାମର୍ଥ୍ୟାନୁଯାୟୀ ଅର୍ଥଦାନ କରୁଥିଲେ । ତେବେ ଓ୍ୱସିୟତ୍ ଚାନ୍ଦାରୁ ଛାଡ଼ କେବଳ ହଜରତ ମସିହ ମଉଦ[ଅ.ସ]ଙ୍କର ସେହି ପାଞ୍ଚ ଜଣ ସନ୍ତାନଙ୍କ ପାଇଁ ଥିଲା, ଏହି ସ୍ପଷ୍ଟିକରଣ ମୁଁ ଏଥି ସକାଶେ କରିଦେଲି କାରଣ କେତେକ ସ୍ଥାନରୁ ମୋ ନିକଟକୁ ଏହି ପ୍ରଶ୍ନ ପହଞ୍ଚି ଥିଲା ।

ହଜରତ ମିଆଁ ସଦରୁଦ୍ଦିନ୍ ସାହେବ ବର୍ଣ୍ଣନା କରନ୍ତି; ହଜରତ ମସିହ ମଉଦ[ଅ.ସ] ଚିରାଗ୍ ନାମକ ଜଣେ ପିଅନ୍‌କୁ ଏକ ପଇସା ଦେଇ **ରେଓଡ଼ି** (ଏକ ପ୍ରକାର ମିଠା) ମଗାଇଲେ । ଯେତେବେଳେ **ରେଓଡ଼ି** ଆସିଲା ହୁଜୁର[ଅ.ସ] ତାହାକୁ ଦୁଇ ଭାଗ କରି ଅଧା ତାକୁ ଦେଲେ । ସେ ନେବାକୁ ମନା କରିବାରୁ ହୁଜୁର[ଅ.ସ] କହିଲେ; ପଇସା ମୋର ଥିଲା କିନ୍ତୁ ତୁମେ ପରିଶ୍ରମ କରି ଯାଇ ନେଇ ଆସିଲ । ତେଣୁ ଏଥିରେ ତୁମର ଅଧା ଭାଗ ରହିଛି । ଏହା ମଧ୍ୟ ଅନ୍ୟର କାମକୁ ସମ୍ମାନ ଜଣାଇବା ଓ କୃତଜ୍ଞତା ଜ୍ଞାପନ କରିବାର ଏକ ଶୈଳୀ ଥିଲା ।

ଏକ ଅବସରରେ ବଟାଲାରେ ବନ୍ଧୁମାନେ ଚା'ର ବ୍ୟବସ୍ଥା କରିଥିଲେ । ହୁଜୁର[ଅ.ସ] ସେହି ଆୟୋଜନ କରିଥିବା ସେବାକାରୀମାନଙ୍କ ବିଷୟରେ ପଚାରି ସେମାନଙ୍କୁ ଧନ୍ୟବାଦ ଜଣାଇଲେ । ପରେ ଖବରକାଗଜରେ ବି ସେମାନଙ୍କ ସେବା ପାଇଁ କୃତଜ୍ଞତା ଜ୍ଞାପନ କଲେ । ଏଥିରୁ ଜଣା ପଡୁଛି ଯେ ହୁଜୁର[ଅ.ସ] କିପରି ଛୋଟରୁ ଛୋଟ ସେବାକୁ କଦାପି ଅଣଦେଖା କରୁ ନଥିଲେ, ବରଂ ତାହାର ଆଦର ଓ ସମ୍ମାନ କରିବା ସହ କୃତଜ୍ଞତା ଜ୍ଞାପନ କରୁଥିଲେ । ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରିବାର ଏହି ଉଚ୍ଚ ମାନଦଣ୍ଡ ଆପଣାଇବାକୁ ଶକ୍ତି ପ୍ରଦାନ କରନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

21st August 2026

*Translated to Odia by :* Moulavi Anwar Ahmad Khan